# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 May - 2025

*********************************

## ମୁଖ୍ୟ ସମ୍ବାଦ

- ପରିବେଶ ସୁରକ୍ଷା ଓ ସନ୍ତୁଳିତ ଜୀବନଯାପନ ପାଇଁ ନବୀକରଣୀୟ ଶକ୍ତିର ଉପଯୋଗ ଲାଗି ରାଜ୍ୟପାଳଙ୍କ ପରାମର୍ଶ
- ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ନେତୃତ୍ୱ ନେଇପାରିବ କହିଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ

– ୱେଭ୍‌ସ ସମ୍ମିଳନୀର ତୃତୀୟ ଦିନରେ ଆଜି ୭ଟି ବିଶ୍ୱସ୍ତରୀୟ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

- "ନବ ଦୃଢ଼ ଦୁନିଆରେ ସାମ୍ବାଦିକତା-ପ୍ରେସ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ" ଶୀର୍ଷକରେ ଆଜି ପାଳନ କରାଯାଉଛି ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ

ଏବଂ

- କଳିଙ୍ଗ ସୁପରକପ୍ ଫୁଟବଲ ଟାଇଟଲ ପାଇଁ ଆଜି ଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ହେବ ମୁକାବିଲା

*Desk*

## ରାଜ୍ୟପାଳ- ନବୀକରଣୀୟ ଶକ୍ତି

ପରିବେଶ ସୁରକ୍ଷା ଓ ସନ୍ତୁଳିତ ଜୀବନଯାପନ ଦିଗରେ ଏକ ଦୃଢ଼ ପ୍ରୟାସ ଭାବେ ନବୀକରଣୀୟ ଶକ୍ତିକୁ ଆପଣାଇବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ପାରମ୍ପରିକ ଶକ୍ତି ଉତ୍ସ ପରିବର୍ତ୍ତେ ନବୀକରଣୀୟ ବିକଳ୍ପକୁ ଆପଣାଇ ପ୍ରଦୂଷଣ ହ୍ରାସ, ପୃଥିବୀକୁ ସୁରକ୍ଷା, ଅଶୋଧିତ ତୈଳ ଆମଦାନୀ ହ୍ରାସ ଓ ବୈଦେଶିକ ମୁଦ୍ରା ସଞ୍ଚୟ ଉପରେ ଶ୍ରୀ କମ୍ଭମପାଟି' ଗୁରୁତ୍ୱାରୋପ କରିଛନ୍ତି। ରାଜଭବନ ପରିସରରେ ୧୫୦ କିଲୋୱାଟ୍ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଉଥିବା ବେଳେ ଖୁବ୍‌ଶୀଘ୍ର ସରକାର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଣ୍ଟ ସ୍ଥାପନ କରିବେ ବୋଲି ରାଜ୍ୟପାଳ କହିଛନ୍ତି। ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ରାଜ୍ୟପାଳ ବୈଠକରେ କହିଛନ୍ତି। ଏହାସହ ସୌରଶକ୍ତି ବ୍ୟବସ୍ଥାକୁ ଆପଣାଇବା ପାଇଁ ରାଜ୍ୟ ସରକାରଙ୍କ ଅତିରିକ୍ତ ସବ୍‌ସିଡି ପ୍ରଦାନକୁ ଶ୍ରୀ କମ୍ଭମପାଟି ପ୍ରଶଂସା କରିଛନ୍ତି। ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନର ବ୍ୟବହାରକୁ ପରିତ୍ୟାଗ କରି

ବିଦ୍ୟୁତଚାଳିତ ଯାନବାହନର ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଶକ୍ତି ବିଭାଗ ସଚିବ ବିଶାଲ ଦେବ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ଓ ବ୍ୟବହାରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

***Desk***

# ୱେଭ୍‌ସ

ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ନେତୃତ୍ୱ ନେଇପାରିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ମୁମ୍ବାଇର ଜିଓ ୱାର୍ଲଡ କନଭେନସନ୍ ସେଣ୍ଟରଠାରେ ଆୟୋଜିତ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍‌ସ–୨୦୨୫ର ତୃତୀୟ ଦିନରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଅସଂଖ୍ୟ ନିଜସ୍ୱ କାହାଣୀର ଭାରତ ହେଉଛି ଗନ୍ତାଘର । ସୃଜନଶୀଳତା କ୍ଷେତ୍ରକୁ ୱେଭ୍‌ସ ସମ୍ମିଳନୀ ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଅନେକ ବୈଶ୍ୱିକ ସଂସ୍ଥା ଏ ଦିଗରେ ଭାରତ ସହ ମିଶି କାମ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ସମ୍ମିଳନୀର ତୃତୀୟ ଦିନରେ ଆଜି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍

ଟେକ୍ନୋଲୋଜି– ଆଇ.ଆଇ.ସି.ଟି. ସହିତ ୭ଟି ବିଶ୍ୱସ୍ତରୀୟ କମ୍ପାନୀର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ସହ ଆଗାମୀ ଦିନରେ ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍. ଢାଞ୍ଚାରେ ୪୦୦ କୋଟି ବ୍ୟୟ ଅଟକଳରେ ଆଇ.ଆଇ.ସି.ଟି.ର ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି ଆନିମେସନ, ଭିଜୁଆଲ୍ ଇଫେକ୍ଟ, ଗେମିଂ ଏବଂ କମିକ୍ସର ଜାତୀୟ ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି। ଏହି ଅବସରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ୍ ଏବଂ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଓ ମନୋରଞ୍ଜନ ସମ୍ମିଳନୀ -ୱେଭ୍‌ସ ୨୦୨୫ର ଭାରତରେ ନିର୍ମାଣ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ୩୨ଟି ବର୍ଗରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ୧ଲକ୍ଷ ପ୍ରତିଯୋଗୀ ପଞ୍ଜିକୃତ କରିଥିଲେ । ସେଥିମଧ୍ୟରେ ୬୦ଟି ଦେଶର ୧ହଜାର ୧୦୦ରୁ ଉର୍ଦ୍ଧ୍ୱ ଆନ୍ତର୍ଜାତିକ ପ୍ରତିଯୋଗୀ ରହିଥିଲେ ।

*Desk*

## ମାଟ୍ରିକ ପରୀକ୍ଷା ରି ଚେକିଂ

ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ୩ ଦିନ ମଧ୍ୟରେ ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯିବା ନେଇ ବୋର୍ଡ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଉତ୍ତୀର୍ଣ୍ଣ ହୋଇଥିବା ୪ ଲକ୍ଷ ୮୪ ହଜାର ୮୬୩ ଜଣ ଛାତ୍ରଛାତ୍ରୀଙ୍କୁ ତ୍ରୁଟିଶୂନ୍ୟ ସାର୍ଟିଫିକେଟ୍ ଯୋଗାଇ ଦିଆଯିବ ବୋଲି ବୋର୍ଡ ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି କହିଛନ୍ତି। କୌଣସି ବିଷୟ କିମ୍ବା ସମୁଦାୟ ୬ଟି ଯାକ ବିଷୟରେ ମୂଲ୍ୟାୟନକୁ ନେଇ ପରୀକ୍ଷାର୍ଥୀଙ୍କର ଆପତ୍ତି ଥିଲେ ବୋର୍ଡ ପକ୍ଷରୁ ପୁନଃଯାଞ୍ଚ ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନେ ବୋର୍ଡ ୱେବସାଇଟ୍‌ରେ ଆଜିଠାରୁ ଏଥିପାଇଁ ଆସନ୍ତା ୧୬ ତାରିଖ ମଧ୍ୟରେ ଆବେଦନ କରିପାରିବେ। ସେହିଭଳି ମାଟ୍ରିକ ପରୀକ୍ଷାଫଳ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ସବିଶେଷ ତଥ୍ୟ ପାଇଁ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି। ଏହି ନମ୍ବର ଆସନ୍ତା ୯ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ହେଲ୍‌ପ୍ ଲାଇନ୍ ନମ୍ବରଗୁଡ଼ିକ ହେଲା ୦୬୭୧-୨୪୧୨୦୬୦ ଏବଂ ୨୪୧୨୦୫୯ ଓ ୮୭୬୩୦୮୮୮୯୦।

*HS*

## ଫୋରେନସିକ୍ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱରସ୍ଥିତ ଜାତୀୟ ଫୋରେନସିକ୍ ବିଶ୍ୱବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି।

ଅତ୍ୟାଧୁନିକ ଭିତ୍ତିଭୂମି, ଦକ୍ଷ ଏବଂ ଅଭିଜ୍ଞ ଅଧ୍ୟାପକ ଥିବା ଏହି ଅନୁଷ୍ଠାନ ଦେଶରେ ଫୋରେନସିକ୍ ବିଜ୍ଞାନ କ୍ଷେତ୍ରରେ ନୂତନ ସମ୍ଭାବନା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଆଶାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଏହି ବିଶ୍ୱବିଦ୍ୟାଳୟ ସୁଯୋଗ ପ୍ରଦାନ କରୁଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

***Desk***

## ପ୍ରେସ୍ ସ୍ୱାଧୀନତା ଦିବସ

ଗଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଆଜି ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ ହେଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି "ନବ ଦୃଢ଼ ଦୁନିଆରେ ସାମ୍ବାଦିକତା-ପ୍ରେସ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ" । ଜାତିସଂଘ ସାଧାରଣ ପରିଷଦ ୧୯୯୩ ମସିହାରେ ଆଜିର ଦିନକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଭାବେ ପାଳନ ନିମନ୍ତେ ଘୋଷଣା କରିଥିଲା । ବିଶ୍ୱରେ ଶାନ୍ତି ଓ ପ୍ରଗତି ପାଇଁ ସ୍ୱାଧୀନ, ସଶକ୍ତ ଏବଂ ଉତ୍ତରଦାୟୀ ଗଣତନ୍ତ୍ର ଅପରିହାର୍ଯ୍ୟ। ବର୍ତ୍ତମାନ ପରିସ୍ଥିତିରେ ସାମାଜିକ ଗଣମାଧ୍ୟମ ସୂଚନା ପ୍ରସାରଣ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଗଣମାଧ୍ୟମର ସ୍ୱାଧୀନତା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକତା ରହିଛି। ଏ ନେଇ ଆଜି ବିଭିନ୍ନ ଅନୁଷ୍ଠାନ ଓ

ସଙ୍ଗଠନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ପ୍ରଫେସର ଡକ୍ଟର ମୃଣାଳ ଚାଟାର୍ଜୀ କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ସ୍ୱାଧୀନତା ଦିବସରେ କହିଛନ୍ତି, ଏକ ମୁକ୍ତ ଏବଂ ଦାୟିତ୍ୱପୂର୍ଣ୍ଣ ମାଧ୍ୟମ ଗଣତନ୍ତ୍ରର ମୂଳଦୁଆ ଗଠନ କରିଥାଏ। ଗଣମାଧ୍ୟମର ସ୍ୱାଧୀନତାକୁ ସୁରକ୍ଷା ଦେବା ଏବଂ ସତ୍ୟର ଅନୁସନ୍ଧାନରେ ସାମ୍ବାଦିକମାନଙ୍କୁ ସମର୍ଥନ କରିବା ପାଇଁ ସାମୂହିକ ସଂକଳ୍ପ ନେବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଦିବସ ଅବସରରେ ଗଣମାଧ୍ୟମ ସ୍ୱାଧୀନତାର ସୁରକ୍ଷା ପାଇଁ ସାମ୍ବାଦିକମାନଙ୍କୁ ସମର୍ଥନ କରିବା ପାଇଁ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି। ରାଜ୍ୟ ସର୍ବଦା ନୈତିକ ସାମ୍ବାଦିକତାକୁ ପ୍ରୋତ୍ସାହିତ କରିବା ସହ ଗଣମାଧ୍ୟମ ଅଧିକାରକୁ ସୁରକ୍ଷା ଦିଏ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ଦିବସରେ ସତ୍ୟ, ଦାୟିତ୍ୱ ଏବଂ ଗଣତନ୍ତ୍ରର ମୂଲ୍ୟବୋଧକୁ ବଜାୟ ରଖିଥିବା ସମସ୍ତ ସାମ୍ବାଦିକ ଓ ଗଣମାଧ୍ୟମ ବୃତ୍ତିଗତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

*Desk*

# ପିଏମ୍-ବାଲ ପୁରସ୍କାର

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପାଇଁ ଆବେଦନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ । ୫ରୁ ୧୮ବର୍ଷ ବୟସ୍କ ପିଲାଙ୍କ ପାଇଁ ଏଥିପାଇଁ ଆବେଦନ କରାଯାଇପାରିବ । ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ହେଉଛି ଏକ ସମ୍ମାନଜନକ ଜାତୀୟସ୍ତରୀୟ ପୁରସ୍କାର, ଯାହା ଦେଶର ଶିଶୁଙ୍କ ଅସାଧାରଣ ଉପଲବ୍ଧିକ ସ୍ୱୀକୃତି ପ୍ରଦାନ କରିଥାଏ । ପ୍ରତିବର୍ଷ ରାଷ୍ଟ୍ରପତିଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସାହସିକତା, ସମାଜସେବା, ପରିବେଶ, କ୍ରୀଡ଼ା, କଳା ଓ ସଂସ୍କୃତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ପିଲାଙ୍କୁ ଏଥିପାଇଁ ମନୋନୀତ କରାଯାଇଥାଏ । ଆବେଦନପତ୍ର **awards.gov.in** ସରକାରୀ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍ ଦାଖଲ କରାଯାଇ ପାରିବ । କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏହି ପୁରସ୍କାର ପାଇଁ ପିଲାଙ୍କର ନାମାଙ୍କନପତ୍ର ଦାଖଲ କରିପାରିବେ ।

*Desk*

# କଳିଙ୍ଗ ସୁପର କପ୍

କଳିଙ୍ଗ ସୁପର କପ୍ ଫୁଟବଲ ଟାଇଟଲ ହାସଲ ପାଇଁ ଆଜି ଏଫ୍‌ସି ଗୋଆ ଏବଂ ଜାମ୍‌ସେଦପୁର ଏଫ୍‌ସି ମଧ୍ୟରେ ମୁକାବିଲା ହେବ ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ । ଫାଇନାଲ ମ୍ୟାଚ୍ ଜିତି ଗୋଆ ତା'ର ଦ୍ୱିତୀୟ ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଜାମ୍‌ସେଦପୁର ଏଫ୍‌ସି ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଆଶା ରଖିଛି ।

***Desk***

## ଖେଲୋ ଇଣ୍ଡିଆ

ବିହାରର ରାଜଗିରିରେ ଆସନ୍ତା ୭ ତାରିଖରେ ଆରମ୍ଭ ହେବାକୁ ଥିବା ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା-୨୦୨୫ ପାଇଁ ଓଡ଼ିଶା ଫୁଟବଲ ଦଳ ଘୋଷଣା ହୋଇଛି। ୨୨ ଜଣିଆ ଓଡ଼ିଶା ୧୮ ବର୍ଷରୁ କମ୍ ବାଳକ ଫୁଟବଲ ଦଳରେ ଅବନୀ ମହାନ୍ତି ମୁଖ୍ୟ କୋଚ୍ ଅଛନ୍ତି। ପୁଲ୍-ଏ'ରେ ପଞ୍ଜାବ, କର୍ଣ୍ଣାଟକ ଓ ବିହାର ସହ ଓଡ଼ିଶା ରହିଛି। ଆସନ୍ତା ୭ ତାରିଖରେ ଓଡ଼ଶା ତା'ର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବକୁ ଭେଟିବ।